## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୮।୬:** ସ୍ତ୍ରୀ'ଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ବଡ଼ସାହିର ବୁନା ମହାନ୍ତି। ମାମଲା ନଂ. ୮୯/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ପୋଲିସ କୋର୍ଟରେ ମହିଳାଙ୍କ ବୟାନ ରେକର୍ଡ କରିଛି। ଗତ ୫ ବର୍ଷ ପୂର୍ବେ ଅନିଲ ବବିତା ମହାନ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ପରେ କୌଣସି କାରଣରୁ ଅନିଲଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ବବିତା ତାଙ୍କ ଦିଅର ବୁନାଙ୍କୁ ବିବାହ କରିଥିଲେ। ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଝିଅ ଜନ୍ମକୁ ନେଇ ବୁନା ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀ'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ତଳେ ବବିତାଙ୍କୁ ମାତ୍ରାଧିକ ମାଡ ମଧ ମାରିଥିଲେ। ଫଳରେ ସେ ବାଧ ହୋଇ ମହିଳା ଥାନାରେ ଅଭିଯୋଗ କରିଥିଲେ।

### ଦମ୍ପତିଙ୍କ ନାଁରେ ଠକେଇ ଅଭିଯୋଗ

ବ୍ରହ୍ମପୁର ଅଫିସ,୮।୬-ସରକାରୀ ଗୃହ ଓ ବ୍ୟାଙ୍କରୁ ଋଣ ଯୋଗାଇ ଦେବା ନାଁରେ ହିଲପାଟଣା ପଣ୍ଡା କଲୋନୀରେ ରହୁଥିବା ଏକ ଦମ୍ପତି ମହିଳାମାନଙ୍କଠାରୁ ଟଙ୍କା ଠକେଇ କରିଥିବା ଗୋଷଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଲାଲୀ କୁମାରୀ ଆଚାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୯୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ହିଲପାଟଣା ଗୋପବନ୍ଧୁନଗରର ଲାଲୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ହିଲପାଟଣା ପଣ୍ଡା କଲୋନୀର ରାଜଶ୍ରୀ ମହାରଣା ଓ ତାଙ୍କ ସ୍ୱାମୀ ୨ ବର୍ଷ ତଳେ ତାଙ୍କ ନିକଟକୁ ଆସି ସରକାର ମାଗଣାରେ ଘର ଦେଉଥିବା କହିଥିଲେ। ହେଲେ ସରକାରୀ ଗୃହ ପାଇବାକୁ ହେଲେ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ସେମାନେ କହିଥିଲେ। ଦମ୍ପତିଙ୍କ କଥାରେ ବିଶ୍ୱାସ କରି ଲାଲୀ ସେମାନଙ୍କୁ ୩ ଟି କିସ୍ତିରେ ମୋଟ ୨୩ ହଜାର ଟଙ୍କା ଦେଇଥିଲେ। ହେଲେ ଦୁଇ ବର୍ଷ ପରେ ମଧ ଗୃହ ନ ମିଳି ନଥିଲା। ଗତ ୩ ତାରିଖରେ ଲାଲି ଟଙ୍କା ମାଗିବାକୁ ରାଜଶ୍ରୀଙ୍କ ଘରକୁ ଯାଇଥିଲେ। ରାଜଶ୍ରୀଙ୍କ ସ୍ୱାମୀ ଲାଲୀଙ୍କୁ ଧମକେଇ ତଡି ଦେଇଥିଲେ। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ରାଜଶ୍ରୀ ଓ ତାଙ୍କ ସ୍ୱାମୀ ହିଲପାଟଣା ଧୋବାସାହିରେ ରହୁଥିବା ତନୁଶ୍ରୀ ମହାରଣା ନାମକ ଜଣେ ମହିଳାଙ୍କୁ ବ୍ୟାଙ୍କ ଋଣ କରାଇଦେବାକୁ କହି ୧ ଲକ୍ଷ ୩୦ ହଜାର ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ବ୍ୟାଙ୍କରେ ଋଣ କରାଇବାକୁ ହେଲେ ଆଗୁଆ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଏହି ଦମ୍ପତି ତନୁଶ୍ରୀଙ୍କୁ କହିଥିଲେ। ସେହିକ୍ରମରେ ତନୁଶ୍ରୀ ୨୫ ହଜାର ଟଙ୍କା ଲେଖାଏ ବିଭିନ୍ନ କିସ୍ତିରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ରାଜଶ୍ରୀ ଓ ତାଙ୍କ ସ୍ୱାମୀଙ୍କୁ ଦେଇଥିଲେ। ହେଲେ ବ୍ୟାଙ୍କ ଋଣ ନ ହେବାରୁ ତନୁଶ୍ରୀ ଟଙ୍କା ମାଗିଥିଲେ। ଏହି ଦମ୍ପତି ତନୁଶ୍ରୀଙ୍କୁ ଟଙ୍କା ଫେରସ୍ତ କରିବା ବଦଳରେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

### ଏନ୍‌ଏସିସି ଶିବିରରେ ଅନୁଭୂତି ବଖାଣିଲେ ବ୍ରହ୍ମପୁର ଏସ୍‌ପି

ବ୍ରହ୍ମପୁର ଅଫିସ,୮।୬: ବ୍ରହ୍ମପୁର ଏନ୍‌ଏସିସି ଗ୍ରୁପ ହେଡ୍‌କ୍ୱାଟର ପକ୍ଷରୁ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଠାରେ ଚାଲିଥିବା ଏନସିସିର ଗ୍ରୀଷ୍ମକାଳୀନ ଶିବିରକୁ ମଙ୍ଗଳବାର ବ୍ରହ୍ମପୁର ଏସପି ଡ଼. ଶ୍ରବଣ ବିବେକ ଏମ ପରିଦର୍ଶନରେ ଯାଇଥିଲେ। ଏସ୍‌ପି ଏଥିରେ ଅଂଶଗ୍ରହଣ କରିଥିବା ୪୫୦ ଏସ୍‌ଏସ୍‌ଏସ୍ କ୍ୟାଡ଼େଟଙ୍କ ସହ ସିଧା ସଳଖ କଥା ହୋଇ ନିଜର ପିଲାଦିନ ଠାରୁ ଆଇପିଏସ ପରୀକ୍ଷାରେ ପାଇଥିବା ସଫଳତା ପର୍ଯ୍ୟନ୍ତ ସଂଘର୍ଷ ଅନୁଭୂତିକୁ ବାଣ୍ଟିଥିଲେ। ଏହା ସହ ଜୀବନରେ ଶୃଙ୍ଖଳା, କଠିନ ପରିଶ୍ରମ, ଅଧବସାୟ ଦ୍ୱାରା ନିଜର ଲକ୍ଷ୍ୟ ପଥରେ ପହଞ୍ଚି ପାରିବେ ବୋଲି କହିଥିଲେ। କ୍ୟାଡ଼େଟଙ୍କୁ ପାଠ ପଢ଼ା ସହ ସମାଜିକ ଉନ୍ନୟନମୂଳକ କାର୍ଯ୍ୟରେ ଭାଗୀଦାର ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ୟାମ୍ପ କମାଣ୍ଡର ମେଜର (ଡ଼) ସୌରଭ ତିୱାରି, ଡ଼େପୁଟି କ୍ୟାମ୍ପ କମାଣ୍ଡାଣ୍ଟ ମେଘନାଦ ପ୍ରଧାନ, ସେକେଣ୍ଡ କମାଣ୍ଡିଂ ଅଫିସର ଭିକାରୀ ଗୌଡ଼ଙ୍କ ସମେତ କ୍ୟାମ୍ପ ପରିଚାଳନା ଦାୟିତ୍ୱରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ପାତ୍ରଙ୍କ ତରବରିଆ ନିଷ୍ପତ୍ତି ଭୁଲ'

■ବାଚସ୍ପତି ପଦରୁ ସୂର୍ଯ୍ୟଙ୍କ ଇସ୍ତଫା ନେଇ ଚର୍ଚ୍ଚା
■ଗଞ୍ଜାମ ଟାଇଗର ନଂ. ୨ ଷଡ଼ଯନ୍ତ୍ରର ଶିକାର

ବ୍ରହ୍ମପୁର ଅଫିସ,୮।୬

ଗଞ୍ଜାମ ଟାଇଗର ନଂ. ୨ ସୂର୍ଯ୍ୟ ନାରାୟଣ ପାତ୍ର ଶାସକ ଦଳ ରାଜନୀତିରେ ଷଡ଼ଯନ୍ତ୍ରର ଶିକାର ହୋଇଥିବା ବିଭିନ୍ନ ମହଲ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ ଏହି ଜିଲାର ବରିଷ୍ଠ ରାଜନେତା ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କୁ ଗଞ୍ଜାମ ଟାଇଗର କୁହାଯାଉଥିଲା। ସେ ବହୁବାର କୋଦଳା ନିର୍ବାଚନମଣ୍ଡଳୀରୁ ବିଧାୟକ ହେବା ସହ ବିଜୁ ବାବୁଙ୍କ ଜନତା ଦଳ ଏବଂ ନବୀନ ପଟ୍ଟନାୟକଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ହୋଇ ଅର୍ଥ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ୨୦୦୨ରୁ ସେ ବିଜେଡି ଛାଡ଼ିଥିଲେ। ପ୍ରଥମେ କଂଗ୍ରେସ ଓ ପରେ ଭାଜପାରେ ସାମିଲ ହୋଇଥିଲେ। ଦଳ ବଦଳ ପରେ ଦୁଇ ଦଶନ୍ଧି ହେବ କ୍ଷମତାଚ୍ୟୁତ ହେବାରୁ ତାଙ୍କ ଗର୍ଜନ ଶୁଭିନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସୂର୍ଯ୍ୟଙ୍କ ରାଜନୈତିକ ଦବ୍‌ଦବା ଜିଲାରେ ଆରମ୍ଭ ହୋଇଥିଲା। ତେଣୁ ତାଙ୍କୁ ଗଞ୍ଜାମ ଟାଇଗର ନଂ. ୨ ଭାବେ ପରିଚିତ କରିଥିଲା।

ସୂର୍ଯ୍ୟ ଛାତ୍ର ଜୀବନରେ ପ୍ରଥମେ ତତ୍କାଳୀନ ଜନ ସଂଘର ସମର୍ଥକ ଥିଲେ। ପରେ ଅଣ କଂଗ୍ରେସ ରାଜନୀତିରେ ପ୍ରତିଷ୍ଠିତ ହୋଇଥିଲେ। ବ୍ରହ୍ମପୁର ପୌରସଂସ୍ଥାର କାଉନସିଲର ଭାବେ ନିର୍ବାଚିତ ହୋଇ ସକ୍ରିୟ ରାଜନୀତିକୁ ଆସିଥିଲେ। ୧୯୮୪, ୧୯୮୯ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହୋଇଥିଲେ। ୧୯୯୦ ବିଧାନସଭା ନିର୍ବାଚନରେ ମୋହନା କ୍ଷେତ୍ରରୁ ଜନତା ଦଳରୁ ବିଧାୟକ ହୋଇଥିଲେ। ବିଧାୟକ ଥାଇ ୧୯୯୧ ଲୋକସଭା ନିର୍ବାଚନରେ ପୁଣି ଜନତା ଦଳରୁ ବ୍ରହ୍ମପୁର କ୍ଷେତ୍ରରୁ ହାରିଥିଲେ। ବିଜୁବାବୁଙ୍କ ଶୁଭ ଦୃଷ୍ଟି ଥିବାରୁ ୧୯୯୨ରେ ପ୍ରଥମେ ଜନତା ଦଳ ସରକାରରେ ରାଷ୍ଟ୍ରମନ୍ତ୍ରୀ ପଦ ପାଇଥିଲେ। ୧୯୯୫ ବିଧାନସଭା ନିର୍ବାଚନରେ ସେ ମୋହନାରୁ ଦ୍ୱିତୀୟଥର ନିର୍ବାଚିତ ହୋଇଥିଲେ।

ପରବର୍ତ୍ତୀ ୨୦୦୦ ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ବିଧାନସଭା ନିର୍ବାଚନରେ ପାତ୍ର ଲଗାତର ଭାବେ ମୋହନାରୁ ଆଉ ୨ ଥର ଏବଂ ସୀମା ନିର୍ଦ୍ଧାରଣ ଓ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ନୂଆ ନିର୍ବାଚନ ମଣ୍ଡଳୀ ଦିଗପହଣ୍ଡି ଗଠନ ହେବାରୁ ସବୁ ନିର୍ବାଚନରେ ବିଜେଡିରୁ ନିର୍ବାଚିତ ହୋଇଥିଲେ। ନବୀନଙ୍କ ଚତୁର୍ଥ ପାଳି ସରକାର ପର୍ଯ୍ୟନ୍ତ ସେ କ୍ୟାବିନେଟ ମନ୍ତ୍ରୀ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିଲେ। ୨୦୧୪ ନିର୍ବାଚନରେ ସେ ୩ ବର୍ଷ ମନ୍ତ୍ରୀ ହୋଇ ନ ଥିଲେ ମଧ ଦଳର ସଂଗଠନରେ ମୁଖ୍ୟ ଭୂମିକା ନେଉଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ନବୀନ ପୁଣି ମନ୍ତ୍ରୀ ପରିଷଦରେ ସାମିଲ କରିଥିଲେ। ପଞ୍ଚମ ପାଳି ଶାସନରେ ସୂର୍ଯ୍ୟଙ୍କୁ ମନ୍ତ୍ରୀ ନ କରି ସାମ୍ବିଧାନିକ ପଦ ବିଧାନସଭା ବାଚସ୍ପତି କରାଯାଇଥିଲା। ଗତ ସପ୍ତାହରେ ମନ୍ତ୍ରୀ ପରିଷଦ ପୁନର୍ଗଠନ ପାଇଁ ସବୁ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ବାଚସ୍ପତିଙ୍କୁ ମଧ ଇସ୍ତଫା ଦେବାକୁ କୁହାଯାଉଥିବା ପ୍ରଚାର ହେଲା। ସେ ମଧ କାଳ ବିଳମ୍ବ ନ କରି ପଦରୁ ଇସ୍ତଫା ଦେଲେ।

ସାମ୍ବିଧାନିକ ଓ ମର୍ଯ୍ୟାଦାପୂର୍ଣ୍ଣ ବାଚସ୍ପତି ପଦରୁ ପାତ୍ରଙ୍କ ଅଚାନକ ଇସ୍ତଫା ରାଜନୈତିକ ସଚେତନ ଜିଲା ଗଞ୍ଜାମରେ ଭିନ୍ନ ଭିନ୍ନ ଆଲୋଚନା ଚାଲିଛି। କାଳେ ପୁଣି ମନ୍ତ୍ରୀ ହେବା ଆଶା ରଖି ପଦ ଛାଡ଼ିଥିବା କେତେକ କହୁଥିବା ବେଳେ କୌଣସି ବଡ଼ କାରଣରୁ ବିଜେଡି ପକ୍ଷରୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିବା ଆଉ କେତେକ ମତପ୍ରକାଶ କରିଛନ୍ତି। ତେବେ ଅସଲ କାରଣ ପଦାକୁ ନ ଆସି ଅସ୍ପଷ୍ଟ ରହିଛି। ୨୦୨୪ ନିର୍ବାଚନ ନିକଟତର ହୋଇଛି ଏବଂ ବିଜେଡି ମଧ ନୂଆ ରଣନୀତି ଆରମ୍ଭ କରି ଦେଇଛି। ଏଭଳି ସ୍ଥିତିରେ ପାତ୍ର ଦଳୀୟ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଓ ପଦ ଛାଡ଼ିଥିବା ଆଲୋଚନା ପରିସରକୁ ଆସିଛି। ଜିଲାର ଜଣେ ବରିଷ୍ଠ ରାଜନେତା ତଥା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ସୂର୍ଯ୍ୟ ତରବରିଆ ଭାବେ ଇସ୍ତଫା ଦେବା ତାଙ୍କ ଭୁଲ ନିଷ୍ପତ୍ତି ହୋଇଥିବା ଆଲୋଚନା ପ୍ରସଙ୍ଗରେ ସୂଚାଇଛନ୍ତି। ମନ୍ତ୍ରୀ ହେବାକୁ ଆଶା ରଖି କରିଥାଇ ପାରନ୍ତି ବୋଲି ଅନୁମାନ କରିଛନ୍ତି। ଯଦି ବିଜେଡି ନିର୍ଦ୍ଦେଶରେ ସେ ଇସ୍ତଫା ଦେଇନଥାନ୍ତେ ତେବେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଆଣିବା ସହଜ ନୁହେଁ ବୋଲି ଚିନ୍ତାମଣି ଦର୍ଶାଇଛନ୍ତି। ଏଭଳି ନୂଆ ଘଟଣା କାହିଁକି ଘଟିଲା ତାହା ନିଜେ ପାତ୍ର ଓ ତାଙ୍କ ଦଳ ସର୍ବସାଧାରଣରେ ପ୍ରକାଶ କରିବା ନିହାତି ଆବଶ୍ୟକ ବୋଲି ଦ୍ୟାନ ସାମନ୍ତରା ଦର୍ଶାଇଛନ୍ତି।

## ବଳାତ୍କାର ମାମଲା
### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ, ୮।୬

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଜଗନ୍ନାଥପ୍ରସାଦର ମଦନ ପ୍ରଧାନ(୪୦)। ଗିରଫ ପରଠାରୁ ମଦନ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ପ୍ରକାଶ ଯେ, ୨୦୨୧ ଅକ୍ଟୋବର ୬ ରେ ଜଣେ ନାବାଳିକା ଘରେ ଏକାକୀ ଥିବା ବେଳେ ତାଙ୍କୁ ଜଣେ ଯୁବକ ବଳାତ୍କାର କରିଥିଲେ। ପରେ ପୀଡ଼ିତା ଜଣଙ୍କ ଏନେଇ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ମା' ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୨୯/୨୧ ରେ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ମଦନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ କୋର୍ଟରେ ତତ୍କାଳୀନ ଥାନା ଏସ୍‌ଆଇ ସୁଶାନ୍ତ ପ୍ରଧାନ ଚାର୍ଜଶିଟ ଦାଖଲ କରିଥିଲେ। ବୁଧବାର ଉକ୍ତ ମାମଲାର ବିଚାର ବେଳେ ଅଭିଯୁକ୍ତ ମଦନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉକ୍ତ ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସଂଗ୍ରାମ କୁମାର ପ୍ରଧାନ ଓ ଇନ୍ଦିରା ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

## ୫ ଅଭିଯୁକ୍ତ ଗିରଫ: ଖଣ୍ଡା, କାତି ଓ ବାଇକ୍ ଜବତ


ମସିହାଖାଲି ପୂର୍ବତନ ସରପଞ୍ଚ ହତ୍ୟା ଉଦ୍ୟମ ମାମଲାରେ ଗିରଫ ଅଭିଯୁକ୍ତ।

### ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୮।୬

ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ମସିହାଖାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ସେଠୀଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ସଦର ଥାନା ପୋଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ପ୍ରତାପ କୃଷ୍ଣଚନ୍ଦ୍ରପୁର ଗ୍ରାମର ଦୁଇ ଭାଇ ଜି. ପ୍ରକାଶ(୨୨), ଜି. ପ୍ରଦୀପ (୨୦), ମନୋଜ ସାହୁ(୨୪), ବଳରାମ ଗୌଡ଼ (୨୦) ଓ କେ. ଭଗବାନ(୨୯)। ପୋଲିସ ସେମାନଙ୍କଠାରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା, କାତି ଓ ଠେଙ୍ଗା ଜବତ କରିଛି। ଅନ୍ୟପଟେ ମନୋଜଙ୍କୁ ହତ୍ୟା ଉଦ୍ୟମ କରିବା ପରେ ଘଟଣା ସ୍ଥଳରେ ଦୁର୍ବୃତ୍ତମାନେ ଛାଡି ପଳାଇଥିବା ୩ ବାଇକ୍ ପୋଲିସ ଜବତ କରିଛି। ମାମଲା ନମ୍ବର ୨୩୬/୨୨ରେ ବୁଧବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଆକ୍ରମଣରେ ଗୁରୁତର ହୋଇଥିବା ପୂର୍ବତନ ସରପଞ୍ଚ ମନୋଜ ଏବେ ସଂଜ୍ଞାହୀନ ଅବସ୍ଥାରେ ବିଶାଖାପାଟଣାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନାନୁସାରେ, ମନୋଜ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସମର୍ଥନରେ ସରପଞ୍ଚ ହୋଇଥିଲେ। ଗତ ଫେବୃୟାରୀରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ତାଙ୍କର ଜଣେ ସମର୍ଥକଙ୍କୁ ସେ ସରପଞ୍ଚ ଭାବେ ଛିଡା କରାଇଥିଲେ। ସେପଟେ ତାଙ୍କ ବିପକ୍ଷରେ କେ.ବୁଲୁ ସରପଞ୍ଚ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଯାହାକୁ ନେଇ ବୁଲୁ ଗୋଷ୍ଠୀଙ୍କ ସହ ମନୋଜ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ସୋମବାର ରାତିରେ ମସିହାଖାଲି ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ଚାଲିଥିବା ବେଳେ ସରପଞ୍ଚ ତଥା କାଉଖତ ଗ୍ରାମର ବାସିନ୍ଦା କେ. ବୁଲୁ ସେଠାରେ ଅତିଥି ଭାବେ ଯୋଗ ଦେଇଥିଲେ। ସେଠାରେ ପୂର୍ବରୁ ଥିବା ମନୋଜଙ୍କ ସମର୍ଥକ ଓ କିଛି ଗ୍ରାମବାସୀ ଉତ୍ତ୍ୟକ୍ତ ହେବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ରାତ୍ର ସାଢ଼େ ଗୋଟାଏ ବେଳେ ମନୋଜ ଓ ତାଙ୍କର ଦୁଇ ସାଙ୍ଗ ଦୁର୍ଗା ପ୍ରସାଦ ଓ ଶଙ୍କର ଗୌଡ଼ ନିକଟସ୍ଥ ଏକ ପୋଖରୀରୁ ଶୌଚ ସାରି ଘରକୁ ଫେରୁଥିବା ବେଳେ ସେଠାରେ ପୂର୍ବରୁ ଯୋଜନାବଦ୍ଧ ଭାବେ ଛକି ରହିଥିବା ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ମନୋଜଙ୍କୁ ଖଣ୍ଡା ଓ କାତିରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଏଥିରେ ତାଙ୍କ ଦୁଇ ସହଯୋଗୀ ପ୍ରତିବାଦ କରିବାରୁ ତାଙ୍କୁ ମଧ ଆକ୍ରମଣ ହୋଇଥିଲା।

## ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ, ଜଣେ ଗିରଫ


ଗଞ୍ଜେଇ ଭର୍ତ୍ତି ଟ୍ରକ ସହ ଗିରଫ ଡ୍ରାଇଭର

### ଗଞ୍ଜେଇ ଚାଲାଣର ହବ୍ ପାଲଟିଛି ବ୍ରହ୍ମପୁର

ବ୍ରହ୍ମପୁର ଅଫିସ,୮।୬

ବ୍ରହ୍ମପୁର ଗଞ୍ଜେଇ ଚାଲାଣର ହବ୍ ହୋଇଛି। ଗଜପତି ଓ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଛି। ଗଞ୍ଜେଇ ଚାଲାଣ ରାକେଟକୁ ଟ୍ରାକ୍ କରୁଥିବା ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପୁଣିଥରେ ବୁଧବାର ଏକ ଟ୍ରକ ଭର୍ତ୍ତି ଗଞ୍ଜେଇ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଫାଷ୍ଟଗେଟ ଆମ୍ବଗଡ ଛକରେ ଚଢ଼ାଉ କରି ୨୧୭ କେଜି ଗଞ୍ଜେଇ ଜବତ କରିଛି। ଏହା ସହିତ ଚାଲାଣରେ ବ୍ୟବହୃତ ଟ୍ରକ୍ ମଧ ଜବତ କରାଯାଇଛି। ଗଜପତି ଜିଲାରୁ ବ୍ରହ୍ମପୁର ଦେଇ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଭାଗକୁ ଖବର ମିଳିଥିଲା। ଏଣୁ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଆମ୍ବଗଡ ଛକରେ ଛକି ରହିଥିଲା। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକକୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଏଥିରେ ଭର୍ତ୍ତି ହୋଇ ରହିଥିବା ୨୧୭ କେଜି ଗଞ୍ଜେଇ ଜବତ କରିଥିଲା। ଟ୍ରକ ଡ୍ରାଇଭର ଉତ୍ତରପ୍ରଦେଶ ପିଲିଭିତ ଗ୍ରାମର ସଲାମତ ଶାହା (୩୫)ଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇ ଓ ଟ୍ରକର ଆନୁମାନିକ ମୂଲ୍ୟ ପ୍ରାୟ ୩୦ଲକ୍ଷ ୫୦ଟଙ୍କା ହେବ ବୋଲି ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ରାଜେନ୍ଦ୍ର କୁମାର ଭତ୍ରା ସୂଚନା ଦେଇଛନ୍ତି।

## ଅଂଶୁଘାତରେ ଜଣଙ୍କ ମୃତ୍ୟୁ ସନ୍ଦେହ

ପାତ୍ରପୁର,୮।୬(ଡି.ଏନ.ଏ)

ପାତ୍ରପୁର ବ୍ଲକ କେଶରିପଡା ପଞ୍ଚାୟତ ତୁଟିପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବି. ଜାନକୀ ରାଓ (୪୬)। ଜାନକୀ ଗ୍ରାମରେ ଥିବା ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ଅତ୍ୟଧିକ ଖରା ଯୋଗୁ ମନ୍ଦିରରେ ମୁହଁ ବୁଲେଇ ବେହୋସ ହୋଇ ତଳେ ପଡି ଯାଇଥିଲେ। ଗ୍ରାମର କେତେଜଣ ଲୋକ ସନ୍ଧ୍ୟାରେ ମନ୍ଦିର ପରିସରରେ ଜାନକୀଙ୍କୁ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ତୁରନ୍ତ ଜରଡା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଦିବସରେ କ୍ରୀଡ଼ାବିତଙ୍କ ସହ ଅତିଥି।

ବ୍ରହ୍ମପୁର ଅଫିସ,୮।୬:

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ବୁଧବାର ଏମକେସିଜି ମେଡ଼ିକାଲ ଖେଳ ପଡ଼ିଆଠାରେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼.ଶ୍ରବଣ ବିବେକ ଏମ ଯୋଗଦେଇ କ୍ରୀଡ଼ବିତଙ୍କୁ ଉତ୍ସାହିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ମହାରଣା, କ୍ରୀଡ଼ା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ତାରିଣୀ ଚନ୍ଦ୍ର ସାମନ୍ତରା, ଜିଲା ଫୁଟବଲ ସଂଘ ସମ୍ପାଦକ ସୀତାରାମ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକ ଓ ବ୍ରହ୍ମପୁରର ୯ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ବାରାକ୍ସ ଫୁଲବଲ ବ୍ଲକ ଓ ପତିତ ପାବନ ଫୁଟବଲ ସଂଘ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବାରାକ୍ସ ଫୁଟବଲ ଟିମ୍ ବିଜୟୀ ହୋଇଛନ୍ତି।

## ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୮।୬

ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଗଞ୍ଜାମ ଆନୁକୁଲ୍ୟରେ ସମୂହ ବ୍ୟାଙ୍କ ପକ୍ଷରୁ ବୁଧବାର ୟୁନିଅନ କ୍ଲବ ସମ୍ମିଳନୀ କକ୍ଷରେ ଦିନିକିଆ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ୧୭ ବ୍ୟାଙ୍କ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ୧୭ ବ୍ୟାଙ୍କ ପକ୍ଷରୁ ୧୭୦ ଗ୍ରାହକଙ୍କୁ ୧୨.୪୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏଥିରେ ମୁଦ୍ରା ଋଣ, ଉଠା ଦୋକାନୀ, ଖୁଚୁରା ବେପାରୀ ଓ କୃଷି ଋଣ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଗ୍ରାହକଙ୍କୁ ବ୍ୟାଙ୍କ ତରଫରୁ ବିଭିନ୍ନ ବୀମାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ବ୍ରହ୍ମପୁର ୟୁନିଅନ ବ୍ୟାଙ୍କର ଡିଜିଏମ୍ ରାମ ଚନ୍ଦ୍ର ବେହେରା ଦଳେଇ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟାଙ୍କ କର୍ମକର୍ତ୍ତା।

ରିଜିଓନାଲ ମ୍ୟାନେଜର ସ୍ମିତା ରଥ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ମନୀଷ କୁମାର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ବାଲୁଙ୍କେଶ୍ୱର ମିଶ୍ର,ଇଣ୍ଡିଆନ ବ୍ୟାଙ୍କ ଜୋନାଲ ମ୍ୟାନେଜର ଉତ୍ସବ ଚନ୍ଦ୍ର ପାତ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଅଶୋକ କୁମାର ପଣ୍ଡା ଓ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଲଡିଏମ୍ ଅଶୋକ କୁମାର ପଣ୍ଡା ପରିଚାଳନା କରିଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ସଂହତି ରାଲି

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୮।୬:

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ଜାତୀୟ ସଂହତି ଶିବିର ଷଷ୍ଠ ଦିନରେ ମଙ୍ଗଳବାର ବ୍ରହ୍ମପୁର ସହରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଜାତୀୟ ସଂହତି ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ଆଞ୍ଚଳିକ ଏନ୍‌ଏସ୍‌ଏସ୍ ଅଧିକାରୀ କମଳ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ହିଲପାଟଣା ସ୍ଥିତ ସାଂସ୍କୃତିକ ଭବନ ପରିସରରୁ ବାହାରି ଗରିରୋଡ଼, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ ଛକ ଓ ଗାନ୍ଧୀନଗର ଦେଇ ରାମଲିଙ୍ଗେଶ୍ୱର ପାର୍କରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଅଂଶ ଗ୍ରହଣ କରିଥିବା ପ୍ରାୟ ୨୦୦ ସ୍ୱେଚ୍ଛାସେବୀ ନିଜ ନିଜ ପାରମ୍ପାରିକ ପୋଷାକ ପରିଧାନ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବିଭିନ୍ନ ବେଶ ସୁସଜ୍ଜିତ ହୋଇଥିବା ଏନଏସଏସ ସ୍ୱେଚ୍ଛାସେବୀମାନେ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ବଣ୍ଟନ କରିଥିଲେ। ରାମଲିଙ୍ଗେଶ୍ୱର ପାର୍କରେ ପହଞ୍ଚିବା ସହ ଏହି ପ୍ରମୋଦ ଉଦ୍ୟାନରେ ସ୍ୱେଚ୍ଛାସେବୀ ମାନେ ଲେଜର ଲାଇଟ ସୋ ଦେଖିବା ସୁଯୋଗ ପାଇଥିଲେ। ଏହି ଶୋଭାଯାତ୍ରାକୁ ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼.ଧ୍ରୁବ ଚରଣ ପଣ୍ଡାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।



ଅତିଥିଙ୍କ ଶୋଭଯାତ୍ରା ଉଦ୍‌ଘାଟିତ।

## ଜନ ସ୍ୱାସ୍ଥ୍ୟ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ୍,୮।୬

ବ୍ରହ୍ମପୁର ସିଟି ହସ୍ପିଟାଲ ରୋଡ଼ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ଜୀବନ କ୍ଲବଠାରେ ବୁଧବାର ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଜଗଦୀଶ ପାତ୍ର ଅଧ୍ୟକ୍ଷତା କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ଭଳି ନିଷ୍ଠାର ସହ ବିଭାଗୀୟ କାର୍ଯ୍ୟକୁ ସୁଚାରୁରୂପେ ନିର୍ବାହ କରି ଜନସାଧାରଣଙ୍କୁ ସେବା ପ୍ରଦାନ କରିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂ. ଡି. ପ୍ରକାଶ ରାଓ, ଇଂ. ପ୍ରଶାନ୍ତ କୁମାର ମିଶ୍ର ଓ ଇଂ. ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପୂଜା କମିଟି ସମ୍ପାଦକ ରବି କୁମାର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭା ଅବସରରେ ବିଭାଗୀୟ ଅବସରପ୍ରାପ୍ତ କର୍ମଚାରୀ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ରଘୁନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ଖଣ୍ଡ ସମ୍ପାଦକ ଆମ୍ବିରି ଜେନା, ଉପସଭାପତି ଟୁନା ପଣ୍ଡା, କାର୍ଯ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଚୌଧୁରୀ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର କୋଠିଆ, ହରିହର ବେହେରା ଏବଂ କୋଷାଧ୍ୟକ୍ଷ ଡି.ଗୁରୁନାଥ, ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ବିଷୋୟୀ, ଜି. ଲବ, ଶିଶିର କୁମାର ଗୌଡ଼ ଓ ସଂଘର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ୨ ବଧୂଙ୍କୁ ହତ୍ୟା ଅଭିଯୋଗ

**ଆସିକା/ଧରାକୋଟ,୮।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଓ ଧରାକୋଟ ଥାନା ଅଞ୍ଚଳରେ ଯୌତୁକ ଦାବି ନେଇ ୩ ଦିନ ମଧ୍ୟରେ ପୃଥକ ୨ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଆସିକା ଥାନା ଅଧୀନ ବାବନପୁର ଗ୍ରାମରେ ଗତ ମଙ୍ଗଳବାର ବଧୂ ଧରିତ୍ରୀ ସାହୁ(୨୨)ଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ମା’ ପ୍ରେମ ସାହୁ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହକୁ ପୋଲିସ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ଜବତ କରିବା ପରେ ବ୍ରହ୍ମପୁର ବଡ଼ ମେଡିକାଲ ଏଫଏମଟି ବିଭାଗରେ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ ପୋଲିସ ଧରିତ୍ରୀଙ୍କ ସ୍ୱାମୀ ଶଙ୍କର ଦାସଙ୍କୁ ବୁଧବାର ଗିରଫ କରିଛି । ଏ ନେଇ ନଂ.୨୯୦/୨୨ରେ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୧ ଫେବୃୟାରୀ ୧ ତାରିଖରେ ଧରିତ୍ରୀଙ୍କ ସହ ବାବନପୁର ଗ୍ରାମର ଶଙ୍କରଙ୍କର ରିତି ମୁତାବକ ବିବାହ ହୋଇଥିଲା । ବିବାହ ସମୟରେ ଝିଅକୁ ଜାନିଯୌତୁକ ଦିଆଯାଇଥିଲା । ତେବେ ବିବାହର କିଛି ଦିନ ପରେ ସ୍ୱାମୀ ଓ ଶାଶୁ ଅଧିକ ସୁନା ଗହଣ ଆଣିବାକୁ ବାଧ କରିବା ସହ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ଝିଅକୁ ବାପଘର ସହ ସମ୍ପର୍କ ରଖିବାକୁ ସୁଯୋଗ ଦେଉ ନ ଥିଲେ। ଅଧିକ ଯୌତୁକ ପାଇବାରେ ନିରାଶ ହେବା ପରେ ଧରିତ୍ରୀକୁ ମାରି ଦିଆଯାଇଥିବା ତାଙ୍କ ମା’ ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ସେହିପରି ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ ଗ୍ରାମରେ ଗତ ସୋମବାର ଅଧିକ ଯୌତୁକ ଦାବି କରି ବଧୂଙ୍କୁ ବିଷ ପିଆଇ ହତ୍ୟା କରିଥିବା ଧରାକୋଟ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ବୁଧବାର ଶ୍ୱଶୁର ଗୁରା ଗୌଡ, ଶାଶୁ ନୀଳା ଗୌଡ଼, ସ୍ୱାମୀ ଗଗନ ଗୌଡ, ଦିଅର ବସନ୍ତ ଗୌଡଙ୍କୁ କୋର୍ଟ ଚାଲାଣ କରଛି।

ଆସିକା ଥାନା ଅନ୍ତର୍ଗତ ନୂଆ ସାହସପୁର ଗ୍ରାମର ବାବୁଲା ଗୌଡଙ୍କ ଝିଅ କାଳିଜାଇ ଢଉଗାଁ ଗ୍ରାମର ଗୁରା ଗୌଡ଼ଙ୍କ ପୁଅ ଗଗନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘର ସମୟରେ କନ୍ୟାଘର ପକ୍ଷରୁ ନଗଦ ୨୦ହଜାର ଟଙ୍କା, ଚେନ୍, ମୁଦି ଓ ଅନ୍ୟାନ୍ୟ ଘରୋଇ ଉପକରଣ ପ୍ରଦାନ କରାଯାଇଥିଲା। ବିବାହର କିଛି ଦିନ ହସଖୁସିରେ ବିତିବାପରେ ବରପକ୍ଷ ତରଫରୁ କାଳିଜାଇଙ୍କୁ ଅଧିକ ଯୌତୁକ ଆଣିବାକୁ କହି ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଏ ନେଇ ଝିଅଘର ପକ୍ଷରୁ ଭଦ୍ରଲୋକଙ୍କୁ ନେଇ ଉଭୟ ପକ୍ଷ ଉପସ୍ଥିତିରେ ବୁଝାମଣା ହୋଇଥିଲା। ଗତ ସୋମବାର ଝିଅ ଫୋନରେ ନିଜ ମା’ ସହ କଥା ହୋଇ ବେଶ୍ ଖୁସି ଥିଲେ। ହଠାତ୍ ରାତ୍ରି ୯ଟାରେ ଶ୍ୱଶୁରଙ୍କଠାରୁ ଝିଅ ଅସୁସ୍ଥ ଥିବା ଖବର ପାଇଁ କାଳିଜାଇଙ୍କ ବାପା ଆସିକା ମେଡିକାଲରେ ପହଞ୍ଚିଥିଲେ। ସେଠାରେ କାଳିଜାଇ ବିଷ ପିଇ ଦେଇଥିବା ଡାକ୍ତର ଜଣାଇଥିଲେ। ମା’ ଝୁନୁ ଝିଅକୁ ଏ ବିଷୟରେ ପଚାରିବାରୁ ଏଥିପାଇଁ ଶ୍ୱଶୁର ଦାୟୀ ବୋଲି କାଳିଜାଇ ପ୍ରକାଶ କରିଥିବା ମା’ କହିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର କାଳିଜାଇଙ୍କୁ ବ୍ରହ୍ମପୁର ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କାଳିଜାଇଙ୍କ ପିତାଙ୍କ ଏତଲା କ୍ରମେ ଧରାକୋଟ ପୋଲିସ ନଂ. ୧୪୧/୨୨ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ଉମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ପାତ୍ରପୁର,୮।୬(ଡି.ଏନ.ଏ.)- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ଼ କଟକ ଅଧୀନ ପାତ୍ରପୁର ବ୍ଲକର ସମସ୍ତ ଶିକ୍ଷକଙ୍କୁ ନେଇ ଏକ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସାରଥି ପାତ୍ର ଓ ସମ୍ପାଦକ ପୂର୍ଣ୍ଣ ମହାରଣାଙ୍କ ସହ ଜିଲାର ସଙ୍ଗଠନ ସମ୍ପାଦକ ତ୍ରିନାଥ ନାୟକଙ୍କ ଉଦ୍ୟମରେ ନିର୍ବାଚନ ସାଫଲ୍ୟ ମଣ୍ଡିତ ହୋଇଥିଲା। ଏଥିରେ ପାତ୍ରପୁର ବ୍ଲକର ପ୍ରାୟ ୨୫୦ରୁ ଅଧିକ ଶିକ୍ଷକ ନିର୍ବାଚନରେ ଭାଗ ନେଇଥିଲେ। କର୍ମକର୍ତ୍ତା ଚୟନରେ ସର୍ବସମ୍ମତି କ୍ରମେ ବି. ରାମାରାଓ ସଭାପତି, ଟୁଟୁ ପ୍ରଧାନ ଉପ ସଭାପତି, ଉର୍ମିଳା ବେହେରା ସଭାନେତ୍ରୀ, କେ ମୋହନ ରାଓ ସମ୍ପାଦକ, ଅନନ୍ତ ନାୟକ ଯୁଗ୍ମ ସମ୍ପାଦକ, ମନୋଜ ନାୟକ ସହ ସମ୍ପାଦକ, ଲକ୍ଷ୍ମଣ ରାଓ କୋଷାଧକ୍ଷ ସଦାନନ୍ଦ ଶବର ଜିଲା ପରିଷଦ ସଭ୍ୟ, ବିପିନ ବେହେରା ଜିଲା ପରିଷଦ ସଭ୍ୟ, ଏଙ୍କଟି ରାଓ ଜିଲା କୋଅର୍ଡିନେଟର, ନିର୍ଦ୍ଦୋଷୀ ଶବର ଜିଲା ସଂଯୋଜିକା ଭାବେ ନିର୍ବାଚିତ ହୋଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହ ରାଜ୍ୟରେ ମଧ ସମସ୍ତ ଶିକ୍ଷକଙ୍କୁ ନେଇ ଗୋଟିଏ ଶିକ୍ଷକ ସଂଘ କରିବା ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି।

### ପର୍ଯ୍ୟଟନ ମେଳାରେ ଯୋଗ ଦେବ ହୋଟେଲ ସଂଘ

ଦାରିଙ୍ଗବାଡି, ୮।୬(ଡି.ଏନ.ଏ.)-ଦାରିଙ୍ଗବାଡି ହୋଟେଲ ସଂଘର ଏକାଧିକ ସଦସ୍ୟ, କର୍ମକର୍ତ୍ତା ବୁଧବାର କୋଲକାତା ବାହାରିଛନ୍ତି। ଆସନ୍ତା ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ତିନିଦିନ ଧରି କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ପର୍ଯ୍ୟଟନ ମେଳା ଅନୁଷ୍ଠିତ ହେଉଛି। ଦେଶ ଓ ବିଦେଶରେ ପର୍ଯ୍ୟଟନର ବିକାଶ ଓ ଏହାର ପ୍ରଚାର ପ୍ରସାର ପାଇଁ ଏହି ମେଳାର ଆୟୋଜନ କରାଯାଉଥିବା ବେଳେ ପଶ୍ଚିମବଙ୍ଗ ସରକାରଙ୍କ ପର୍ଯ୍ୟଟନ ବିଭାଗର ସହଯୋଗ ଏବଂ ବଙ୍ଗାଳି ପର୍ଯ୍ୟଟନର ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ଦାରିଙ୍ଗବାଡି ହୋଟେଲ ସଂଘର ପ୍ରତିନିଧିଦଳ ମେଳାରେ ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ରର ସମସ୍ତ ସ୍ଥାନ ସମ୍ପର୍କରେ ମେଳାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅବଗତ କରାଇବ, ଏହାଦ୍ୱାରା ଦାରିଙ୍ଗବାଡିକୁ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ବୋଲି ସଂଘର ପ୍ରତିନିଧିଦଳ ଆଶା ରଖିଛନ୍ତି। ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରକୁ ଅଧିକାଂଶ ବଙ୍ଗାଳି ପର୍ଯ୍ୟଟକ ପ୍ରତିବର୍ଷ ବୁଲିବାକୁ ଆସନ୍ତି ଏବଂ ଦାରିଙ୍ଗବାଡି ପରିବେଶକୁ ପସନ୍ଦ କରିଥାନ୍ତି। ତେବେ ଏହି ମେଳା ମାଧ୍ୟମରେ ଦାରିଙ୍ଗବାଡି ପର୍ଯ୍ୟଟନର ଅଧିକା ପ୍ରଚାର କରାଗଲେ ଦାରିଙ୍ଗବାଡିକୁ ବଙ୍ଗାଳି ପର୍ଯ୍ୟଟକ ସମେତ ଦେଶ ବିଦେଶରୁ ଆହୁରି ହଜାର ହଜାର ପର୍ଯ୍ୟଟକ ଜାଣି ଆସିପାରିବେ ବୋଲି ହୋଟେଲ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ମେଳାରେ ହୋଟେଲ ସଂଘର ପ୍ରତିନିଧି ଦଳ ମଧ୍ୟରେ ଦିଲୀପ କୁମାର ସାହୁ, ଲଡୁକିଶୋର ସାହୁ ବିରଞ୍ଚିନାରାୟଣ ସାହୁ, ନିଖିଲ ସୁବୁଦ୍ଧି, ତୁଷାରକାନ୍ତ ସାହୁ, ଭଗବାନ ସାହୁ, ମନୋଜ ସାହୁ, ଜିରୁ ଡିଗାଲ, ନବଘନ ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି।

### ହିଂସା, ବାଲ୍ୟ ବିବାହ ରୋକିବାକୁ ବୈଠକ

ଫୁଲବାଣୀ ଅଫିସ, ୮।୬- କନ୍ଧମାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ବାଲ୍ୟ ବିବାହ, ପିଲାମାନଙ୍କ ପ୍ରତି ଦୁର୍ବ୍ୟବହାର ଓ ହିଂସାକୁ ରୋକିବା ପାଇଁ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଯୋଗଦେଇ କହିଥିଲେ, ଜିଲାର ବିଭିନ୍ନ ସମ୍ପ୍ରଦାୟ ବା ଗୋଷ୍ଠୀର ବିନା ସାହାଯ୍ୟରେ କୌଣସି ସଚେତନତା କାର୍ଯ୍ୟକ୍ରମ ସମ୍ଭବ ନୁହେଁ। ବାଲ୍ୟବିବାହ ପାଇଁ ପରିବାରର ଦାରିଦ୍ରତା, କନ୍ୟା ସନ୍ତାନ ମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରିବା, ପରିବାରରେ ସେମାନଙ୍କୁ ଶୀଘ୍ର ବିବାହ ଦେଇ ଜଞ୍ଜାଳମୁକ୍ତ ହେବା ଭଳି ହୀନ ମାନସିକତା କେତେକାଂଶରେ ଦାୟୀ। ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ସେମାନଙ୍କ ବିଭାଗର ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ନିହାତି ଆବଶ୍ୟକ ବୋଲି କହିଥିଲେ । ଉପ ଜିଲାପାଳ ଶେଷଦେବ ମିଶ୍ର କହିଥିଲେ, କେବଳ କନ୍ଧମାଳ ନୁହେଁ ଅନ୍ୟାନ୍ୟ ଜିଲାଗୁଡିକରେ ମଧ ବାଲ୍ୟ ବିବାହ ଏକ ବ୍ୟାଧି ଭଳି ମାଡ଼ିଚାଲିଛି। ଆମେମାନେ ଚାହିଁଲେ ଏହାକୁ ରୋକି ପାରିବା । କାରଣ ବାଲ୍ୟ ବିବାହ ପାଇଁ ପ୍ରଥମେ ସେମାନଙ୍କର ବାପା, ମା ଦାୟୀ। ତା’ପରେ ସମାଜ ଦାୟୀ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅଶୋକ କୁମାର ବେହେରା ଉପସ୍ଥିତ ରହି ବାଲ୍ୟ ବିବାହ ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଓ ଏହାକୁ ରୋକିବା ପାଇଁ ଗଠିତ ହୋଇଥିବା ବିଭିନ୍ନ କମିଟିର କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ ଜିଲା ଶିଶୁ ସୁରକ୍ଷା କମିଟିର ଆକ୍ସନ୍ ପ୍ଲାନ୍ ଓ ବାଲ୍ୟ ବିବାହ ଟାସ୍କ ଫୋର୍ସ କମିଟିର ଆକ୍ସନ୍ ପ୍ଲାନ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଳା ପ୍ରଧାନ ଆକ୍ସନ୍ ଏଡ୍‌ର ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ଦାବି ନେଇ ଜାଗ୍ରତ କନ୍ଧମାଳର ରାଲି

**ଫୁଲବାଣୀ ଅଫିସ, ୮।୬**




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କନ୍ଧମାଳ ଜିଲାର ସାମାଜିକ ଅନୁଷ୍ଠାନ ଜାଗ୍ରତ କନ୍ଧମାଳ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ରାଲି କରାଯିବା ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।

ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା, ସହ ସମ୍ପାଦକ ରମେଶ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକରୁ ରାଲି ବାହାରି ବିଜୁ ପଟ୍ଟନାୟକ ଛକ ଦେଇ ଜିଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଥିଲା । ୧୯୩୧ ଜନଗଣନା ଅନୁସାରେ ଭାରତ ବର୍ଷରେ ୫୨ ପ୍ରତିଶତ ଓବିସି ଲୋକ ବସବାସ କରୁଥିଲେ। ଦେଶ ସ୍ୱାଧୀନ ହେବାର ଦୀର୍ଘ ପରେ ବି ସେମାନଙ୍କର ଗଣନା କରା ନ ଯାଇ ବିଭିନ୍ନ ଷଡଯନ୍ତ୍ର ମାଧ୍ୟମରେ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ସରକାର ପଶୁ ଓ ପକ୍ଷୀ ଗଣନା କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଓବିସିଙ୍କ ନିମନ୍ତେ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଓବିସିମାନେ ସରକାରୀ ସୁବିଧା ତଥା ଶିକ୍ଷା ଓ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି ବୋଲି ଅନୁଷ୍ଠାନ ସାଧାରଣ ସମ୍ପାଦକ ବେହେରା ପ୍ରକାଶ କରିଛନ୍ତି। ସେହିପରି ସଭାପତି ପ୍ରଶାନ୍ତ ମହାନ୍ତି, ପ୍ରେମାନନ୍ଦ ମାଝି, ଜଳନ୍ଧର ବେହେରା ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ । ଲୋକସଭା, ବିଧାନସଭା ଓ ପଞ୍ଚାୟତରେ ଓବିସି ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା, ପ୍ରତି ବ୍ଲକରେ ଓବିସିଙ୍କ ପାଇଁ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା, ଭୂମିହୀନଙ୍କୁ ଚିହ୍ନଟ କରି ଜମି ପ୍ରଦାନ, ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷାରେ ସ୍ଥାନ ସଂରକ୍ଷଣ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି ।

## ଠାକୁରାଣୀ ଯାତ୍ରାରେ ଯୁବକଙ୍କୁ ଛୁରାମାଡ

**ଦିଗପହଣ୍ଡି,୮।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମର ତୋଫାନ ପ୍ରଧାନଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଚିକିଟି ଠାକୁରାଣୀ ଯାତ୍ରାରେ ୨ ଜଣ ଯୁବକ ହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ପେଟର ୨ଟି ଜାଗାକୁ ଛୁରାମାଡ କରାଯାଇଛି। ତୋଫାନ୍‌ଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ଶତ୍ରୁତା କାରଣରୁ ତାଙ୍କୁ ବିପକ୍ଷ ଗୋଷ୍ଠୀର ଯୁବକ ଦ୍ୱୟ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ସୂଚନା ମିଳିଛି। ମଙ୍ଗଳବାର ରାତିରେ ତୋଫାନ ତାଙ୍କ ସାଙ୍ଗ ମାନଙ୍କ ସହ ଠାକୁରାଣୀ ଯାତ୍ରା ଦେଖିବାକୁ ଗାଁ ନିକଟ ଚିକିଟିକୁ ଯାଇଥିଲେ। ସେଠାରେ ମୀନା ବଜାରରେ ସେ ଏକୁଟିଆ ବୁଲୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ତାଙ୍କ ବିରୋଧୀ ଗୋଷ୍ଠୀର ଯୁବକ ଦ୍ୱୟ ତାଙ୍କୁ ଅତର୍କିତ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଆକ୍ରମଣକାରୀ ଯୁବକ ଦ୍ୱୟଙ୍କୁ ତୋଫାନ ଚିହ୍ନଟ କରିଛନ୍ତି। ଏ ନେଇ କେ.ନୂଆଗାଁ ଥାନାରେ ରିପୋର୍ଟ ଲେଖାହେବା ସୁଦ୍ଧା ଏତଲା ହୋଇନଥିବା ଜଣାପଡିଛି।

## ଚିଲିକାରୁ ୧୨ ଏକର ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି।

**ଖଲ୍ଲିକୋଟ,୮।୬(ଡି.ଏନ.ଏ.)**

ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଚିଲିକା ମଧ୍ୟରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରିକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଭେଜିପୁଟ ଆର୍‌ଆଇ ସର୍କଲ ଅଧୀନରେ ଥିବା ଓଡ଼ିଆ ଆଲପୁର, କେଶପୁର ଆର୍‌ଆଇ ସର୍କଲରେ ଥିବା କଙ୍କେଇ ନିକଟ ଚିଲିକା କୂଳରେ ଥିବା ପ୍ରାୟ ୧୨ ଏକର ବେଆଇନ ଚିଙ୍ଗୁଡ଼ି ଘେରିକୁ ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ଉଚ୍ଛେଦ ହୋଇଥିଲା। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟ ଦାସ, ସିଡିଏ ଅଧିକାରୀ, ଭେଜିପୁଟ ପୋଲିସ ଓଆଇସି ସନ୍ତୋଷ ସ୍ୱାଇଁ, ସବଇନ୍ସପେକ୍ଟର ହିମାଂଶୁ ପାତ୍ର, ଭେଜିପୁଟ ଆର୍‌ଆଇ ରମେଶ ଜେନା, କେଶପୁର ଆରଆଇ ଏମ୍. ସୁଦାମଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ଆର.ଉଦୟଗିରି,୮।୬(ଡି.ଏନ.ଏ.)**

ମୋହନା ବ୍ଲକ ଅଡବା ହରଭଙ୍ଗୀ ଜଳସେଚନ ବିଭାଗ ବଙ୍ଗଳାଠାରେ ବୁଧବାର ବିଜେଡି ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଡବା ଜୋନର ୧୫ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଓ ସମସ୍ତ ଦଳୀୟ କର୍ମୀ, ଗାଁ ମୁଖିଆଙ୍କ ସମେତ ସମସ୍ତ ଆଗଧାଡ଼ିର ନେତା ମଧ ଉପସ୍ଥିତ ଥିଲେ। ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଜେଡି ଆଦିବାସୀ ନେତା ହାଡ଼ିଆ କନ୍ଧ ସମସ୍ତ ଅତିଥି ଏବଂ କର୍ମୀଙ୍କୁ ସ୍ୱାଗତ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଜିଲା ଆଦିବାସୀ ନେତା ଏମ୍. ଜଗଦୀଶ ରାଓ, ଆର. ବିଜୟ କୁମାର, ଜିଲା ମହିଳା ସଭାନେତ୍ରୀ ପୁର୍ନବାସୀ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଳିକ, ଭାସ୍କର ସାହୁ, ଚନ୍ଦ୍ର କୁମାର ମଳିକ, ସୁନୀଲ ବିଷୋୟୀ, ବାଲ୍ମିନା ଅଧିକାରୀ, ଝୁମୁରି ବୀର, ପ୍ରକାଶ ନାୟକ, ଦଣ୍ଡାସି ସାହୁ, ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ବୁଧବାର ପ୍ରଥମ ଥର ନିମନ୍ତେ ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କର୍ମୀଙ୍କ ମନୋବଳ ବୃଦ୍ଧି ସହ ଲୋକଙ୍କ ବିଶ୍ୱାସ ଜିଣିବା ପାଇଁ ନିର୍ବାଚନ ପରେ ଏହି ବୈଠକ କରିଥିବା ଜଣାପଡିଛି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ପାଇଁ କର୍ମୀ ଏବଂ ସମସ୍ତ ପ୍ରତିନିଧି ଗାଁକୁ ଗାଁ ଯାଇ ଲୋକଙ୍କ ସମସ୍ୟା ବୁଝି ତାହାର ସମାଧାନ କରିବାକୁ ଏମ୍‌ପି ସମସ୍ତ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କର୍ମୀ ସମ୍ମିଳନୀରେ ପ୍ରାୟ ଏକ ହଜାରରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ଏହା ସହ ସମସ୍ତ ନେତା ଗାଁକୁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝି ଶୀଘ୍ର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅଛି, ତାହାର ଯେପରି ବ୍ୟତିକ୍ରମ ହେବନି ସେଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି ଏମ୍‌ପି ସାହୁ। ଏମ୍‌ପି ଆଜିଠାରୁ ନିୟମିତ ପ୍ରତି ଗାଁ ବୁଲି ସଙ୍ଗଠନ କରିବା ନିମନ୍ତେ ପ୍ରସ୍ତୁତ ଥିବା କହିଛନ୍ତି।

## ପିପଲପଙ୍କା ଗାଁରେ ପେନୁଗୁଲୁ ପୂଜା

**ସୋରଡା,୮।୬(ଡି.ଏନ୍.ଏ.)**

ଆଦିବାସୀମାନଙ୍କ ପାରମ୍ପରିକ ପେନୁଗୁଲୁ ପୂଜା ବୁଧବାର ପିପଲପଙ୍କା ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଆଦିବାସୀମାନେ ଶୁଭ୍ର ବସ୍ତ୍ର ପରିଧାନ କରି ଜଳକଳସୀ ଧରି ପୂଜା ସ୍ଥଳକୁ ଯାଇଥିଲେ। ସେଠାରେ ହୋମ, ଜଞ୍ଜ, ଆଳତି, ସାମୁହିକ ପ୍ରସାଦ ସେବନ କରଯାଇଥିଲା। ଆଦିବାସୀମାନେ ସର୍ବଦା ଜଙ୍ଗଲ ଉପରେ ନିର୍ଭର କରି ପରିବାର ପୋଷଣ କରନ୍ତି। ଜଙ୍ଗଲର ସୁରକ୍ଷା, ବିକାଶ ଓ ମାଟିକୁ ଭଲପାଉଥିବା ଯୋଗୁ ଆଦିବାସୀମାନେ ଏହି ପୂଜା ପ୍ରତିବର୍ଷ କରିଥାନ୍ତି। ଏଥିରେ ଅଞ୍ଚଳର ସମସ୍ତେ ଯୋଗଦେଇ ଥିଲେ।

## ସୀମାନ୍ତରେ ନିର୍ମାଣ କାର୍ଯ୍ୟ କରି ସ୍ଥିତି ଜାହିର କଲା ଆନ୍ଧ୍ର

**ପାରଳାଖେମୁଣ୍ଡି, ୮।୬(ଡି.ଏନ୍.ଏ.)**

ଓଡ଼ିଶା ସୀମାରେ ପୁଣି ଆନ୍ଧ୍ରର ଦବଦବା ଜାରି ରହିଛି। ଗଜପତି ଜିଲାର ବଡଖୀଙ୍ଗା ସୀମାରେ ଆନ୍ଧ୍ର ଅନୁପ୍ରବେଶ କରି ରାସ୍ତା ନିର୍ମାଣ କାମ ଜାରି ରଖିବା ଘଟଣା ଏବେ ସାମ୍ନାକୁ ଆସିଛି । ଜିଲା କାଶୀନଗର ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ମୌଜାରେ କିଛି ଅଞ୍ଚଳରେ ଅନୁପ୍ରବେଶ କରି ଖିଙ୍ଗାଗାଁକୁ ଲାଗି ରହିଥିବା ସୀମାରେ ପଶି ଆନ୍ଧ୍ର ରାସ୍ତା କାମ ପୁଣିଥରେ ଆରମ୍ଭ କରିଥିଲା। ଖବର ପାଇ ପ୍ରଶାସନ ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛି। ଏହି ରାସ୍ତାକାମ ନିର୍ମାଣ ପାଇଁ ଆନ୍ଧ୍ର ୨୦୧୮ମାର୍ଚ୍ଚରେ ମାଟି ପକାଇଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପାଇବା ପରେ କାଶୀନଗର ତତ୍କାଳୀନ ତହସିଲଦାର ମନୋରଞ୍ଜନ ସାହୁ ଏବଂ ପାରଳାଖେମୁଣ୍ଡିର ତତ୍କାଳୀନ ଉପଜିଲାପାଳ ରଞ୍ଜନ କୁମାର ବିଶ୍ୱାଳ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିଥିଲେ। ଏହାପରେ ନିଜର ସୀମାରେ ଫଳକ ଲଗାଇ ଅନଧିକାର ପ୍ରବେଶ ଉପରେ ରୋକ ଲଗାଇଥିଲେ। ହେଲେ କିଛିଦିନ ଏହି କାମକୁ ବନ୍ଦ ରଖିବା ପରେ ସେହି ବର୍ଷ ଏପ୍ରିଲ ମାସରେ ପୁଣିଥରେ ଏହି କାମ ଆରମ୍ଭ କରିଥିଲା ଆନ୍ଧ୍ର। ମେଟାଲ ପକାଇବା ସହ ରାସ୍ତା କାମକୁ ଆଗେଇ ନେଇଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ପ୍ରଶାସନ ପୁଣି କାମ ବନ୍ଦ କରାଇଥିଲା। ସେହି ଦିନଠାରୁ ଚୁପ ରହିଥିବା ଆନ୍ଧ୍ର ପ୍ରଶସାନ ଦୀର୍ଘ ୪ ବର୍ଷ ପରେ ଏବେ ପୁଣି ଏହି ରାସ୍ତାକାମ ଆରମ୍ଭ କରିଛି। ଏପରିକି ଓଡ଼ିଶା ପକ୍ଷରୁ ଲଗାଯାଇଥିବା ସୀମା ଫଳକକୁ ଆନ୍ଧ୍ର ଠିକାଦାର ଭାଙ୍ଗିଦେଇ ଏହି କାମ ଜାରି ରଖିଛନ୍ତି । ଏ ନେଇ ଉଭୟ ଆନ୍ଧ୍ର ଓ ଓଡ଼ିଶାର ପ୍ରଶାସନିକସ୍ତରରେ ବିଭିନ୍ନ ଉଦ୍ୟମ କରାଯାଉଥିବାର ଜଣାପଡିଛି।

## ବାଘୁଆ ନଦୀ ଗଣ୍ଡରେ ବୁଡି ବୃଦ୍ଧା ମୃତ

**ବୁଗୁଡ଼ା,୮।୬(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ନୂଆଁ ଦଦରାଖୋଲ ଗ୍ରାମର ଜଣେ ବୃଦ୍ଧାଙ୍କ ବୁଧବାର ନଦୀ ଗଣ୍ଡରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ଦଦରାଖୋଲ ଗାଁର ସତ୍ୟଭାମା ମହାରଣା (୭୫)। ଅପରାହ୍ନରେ ସତ୍ୟଭାମା ଶୌଚ ପାଇଁ ବାଘୁଆ ନଦୀକୁ ଯାଇଥିବା ବେଳେ ଅସାବଧାନତା ବଶତଃ ଗଣ୍ଡରେ ବୁଡି ଯାଇଥିଲେ। ସେଠାରେ ଥିବା ଲୋକେ ଏ ନେଇ ତାଙ୍କ ପୁଅ ରାମଚନ୍ଦ୍ରଙ୍କୁ ଜଣାଇବା ସହ ବୁଗୁଡ଼ା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଉଡ଼ାପଡ଼ା ସେବାଶ୍ରମକୁ ପ୍ରକୃତିମିତ୍ର ପୁରସ୍କାର

**ଜି.ଉଦୟଗିରି,୮।୬(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ଉଡାପଡା ସେବାଶ୍ରମ ସ୍କୁଲକୁ ମିଳିଛି ପ୍ରକୃତିମିତ୍ର ପୁରସ୍କାର। ରବିନ୍ଦ୍ର ମଣ୍ଡପଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ପରିବେଶ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କଠାରୁ ଏହି ପୁରସ୍କାର ସ୍କୁଲ ପ୍ରଧାନ ଶିକ୍ଷକ ଦୈତାରୀ ଦିଗାଳ ଗ୍ରହଣ କରିଛନ୍ତି। ମାନପତ୍ର ସହିତ ମିଳିଛି ୨୦ ହଜାର ଟଙ୍କାର ଚେକ୍। ସେବାଶ୍ରମ ସ୍କୁଲ ଭାବରେ ଏହି ସମ୍ମାନ ପାଇଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଏହି ସମ୍ମାନ ପାଇଁ ପ୍ରଧାନ ଶିକ୍ଷକଙ୍କୁ ବନାଞ୍ଚଳ ଅଧିକାରୀ ମିନାକ୍ଷୀ କୁମରା, ଫରେଷ୍ଟର ରଶ୍ମୀତା ବକ୍ସି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗତ ଜୀବନ ବର୍ଗର୍ତା, ଡବ୍ଲ୍ୟୁଓ ଉର୍ମୀଳା ପ୍ରଧାନ, ସିଆର୍‌ସି ବିଦେଶୀ ନାୟକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ଭୋଇ, ତ୍ରୀଲୋଚନ ପଣ୍ଡା, ଶିକ୍ଷକ ପାତିମା ନାୟକ, ଜ୍ୟୋତି ସାହୁଙ୍କ ସହିତ ବିଦ୍ୟାଳୟ କମିଟି ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ପ୍ରଧାନ ଶିକ୍ଷକ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ପାଣି ପାଇଁ ଲୋକେ ହଟହଟା

### କାମରେ ଆସୁନି ସୋଲାର ପ୍ରକଳ୍ପ

**ବୁଗୁଡ଼ା,୮।୬(ଡି.ଏନ.ଏ.)**



ଅଚଳ ସୋଲାର ପାନୀୟ ଜଳ ପ୍ରକଳ୍ପ।

ବୁଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୋଲାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି କେଉଁଠି ସୋଲାର ଯନ୍ତ୍ରାଂଶ ଖରାପ ହୋଇପଡ଼ିଥିବା ବେଳେ ଆଉ କେଉଁଠି ମଟର ଚାଲୁ ନାହିଁ ତ କେଉଁଠି କଚ୍ଛପ ଗତିରେ ତିନି ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ନଥିବାରୁ ଲୋକେ ପାଣି ଟୋପେ ପାଇବା ପାଇଁ ତହଳ ବିକଳ ହେଉଥିବା ଅଭିଯୋଗ ହେଉଛି। ଯାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଦୃଶ୍ୟମାନ ହେଉଛି ବୁଗୁଡ଼ା ବ୍ଲକ ଖୋଲଖାଳି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ। ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗାଁ ଶେଷ ମୁଣ୍ଡରେ ଗତ ତିନି ବର୍ଷ ହେଲା ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ ଏ ଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସେବେଠାରୁ ଗ୍ରାମର ୫୦ ପରିବାରର ପ୍ରାୟ ୩୦୦ ଲୋକ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ସୋଲାର ପ୍ରକଳ୍ପଟି ପ୍ରାୟ ୩ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଗ୍ରାମ ମଧ୍ୟରେ ଥିବା ଏକ ପଥର କୂଅରୁ ପ୍ରାୟ ୪୦ ଫୁଟରୁ ପାଣି ବାହାର କରୁଛନ୍ତି ତାହା ପୁଣି ଗୋଳିଆ ପାଣି। ପଞ୍ଚାୟତ ନିର୍ବାଚନ ସରିବାର ୩ ମାସ ବିତିଯାଇଥିଲେ ମଧ ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କ ଦୃଷ୍ଟି ଆଢୁଆଳରେ ତାହା ରହିଯାଇଛି। ତେଣୁ ସାଧାରଣରେ ପ୍ରଶ୍ନ ଉଠୁଛି ଯେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କାହା ସ୍ୱାର୍ଥ ପାଇଁ ଏପରି ଅକାମୀ ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ଏହି ସୋଲାର ପ୍ରକଳ୍ପ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ତାହାର କୌଣସି ପ୍ରତିକାର ବ୍ୟବସ୍ଥା ଅଦ୍ୟାବଧି ହୋଇପାରିନାହିଁ। ତେବେ ଅସହ୍ୟ ଗ୍ରୀଷ୍ମ କାଳରେ ଜଳାଭାବ ସମସ୍ୟାରେ ଆଉଟୁପାଉଟୁ ହେଉଥିବା ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ଅବିଳମ୍ବେ ସେହି ସୋଲାର ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ମୀପୁର ଗ୍ରାମବାସୀ ଦାବି କରିଛନ୍ତି।

## ୧୫ ନିର୍ଦ୍ଦେଶକ ପଦବୀରୁ ୬ ନିର୍ଦ୍ୱନ୍ଦ୍ୱ

### ସମବାୟ ସହରାଞ୍ଚଳ ବ୍ୟାଙ୍କ ନିର୍ବାଚନ

**ପାରଳାଖେମୁଣ୍ଡି,୮।୬(ଡି.ଏନ୍.ଏ.)**

ଗଜପତି ସମବାୟ ସହରାଞ୍ଚଳ ବ୍ୟାଙ୍କ ଲିଃ. ପାରଳାଖେମୁଣ୍ଡିର ୧୫ଟି ନିର୍ଦ୍ଦେଶକ ପଦବୀ ନିମନ୍ତେ ୨୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରୁ ଜୋନ ନଂ୧,୨, ୬, ୭,୧୧ ଓ ୧୫ରେ ନିର୍ଦ୍ଦେଶକ ପଦବୀ ନିମନ୍ତେ ଜଣେ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି ।

ସମବାୟ ସହରାଞ୍ଚଳ ବ୍ୟାଙ୍କର ନିର୍ବାଚନ ଅଧିକାରୀ ନାରାୟଣ ସେଠୀଙ୍କ ସୂଚନା ପ୍ରକାରେ ୧୫ ନିର୍ଦ୍ଦେଶକ ପଦବୀ ନିମନ୍ତେ ୨୮୨୮ଜଣ ସଦସ୍ୟ ନିଜ ମତାଧିକାର ସାବ୍ୟସ୍ତ କରିବେ। ଜୋନ ନଂ.୧୫ରେ ୧୯୬ ସଦସ୍ୟ ରହିଥିବା ବେଳେ ଅନ୍ୟ ସମସ୍ତ ଜୋନରେ ୧୮୮ଜଣ ଲେଖାଏ ସଦସ୍ୟ ରହିଛନ୍ତି । ଜୋନ ନଂ.୧ରେ ଭାନା ଦଣ୍ଡାସୀ(ଅନୁସୂଚିତ ଜାତି), ଜୋନ ନଂ.୨ରେ ଅଭିମନ୍ୟୁ ପଣ୍ଡା(ଅଣସଂରକ୍ଷିତ), ୩ନଂରେ ଲକ୍ଷ୍ମୀକାନ୍ତ ପରିଚ୍ଛା ଓ ବିଭୂତିଭୂଷଣ ହୋତା(ଅଣସଂରକ୍ଷିତ), ୪ନଂ.ରେ ଦାନନା ଆପାରାଓ ଓ ଯେଦଲା ସିମାଦ୍ରୀ (ଅନ୍ୟାନ୍ୟ ପଛୁଆ ବର୍ଗ), ୫ନଂରେ ଆନି ଶଙ୍କର ରାଓ ଓ ଭାଟକାଲୁ ସାବରୈୟା(ଅନ୍ୟାନ୍ୟ ପଛୁଆବର୍ଗ), ୬ନଂରେ ଅନୀତା କୁମାରୀ ପଣ୍ଡା(ମହିଳା), ୭ ନଂ.ଜୋନରେ ଗୀତାରାଣି ପଣ୍ଡା(ମହିଳା), ଜୋନ ନଂ ୮ରେ ୱାଇ. ଗାଡେୟା ଓ ରମେଶ ବେହେରା(ଅନୁସୂଚିତ ଜାତି), ଜୋନ ନଂ.୯ରେ ଆଦର୍ଶ କୁମାର ଦାସ ଓ କର୍ଣ୍ଣମ ରବିକୁମାର(ଅନ୍ୟାନ୍ୟ ପଛୁଆବର୍ଗ), ଜୋନ ନଂ୧୦ରେ ଜମାଦାର ପଟ୍ଟନାୟକ ଓ ଦିନବନ୍ଧୁ ସାବତ(ଅଣସଂରକ୍ଷିତ), ଜୋନ ନଂ.୧୧ରେ ଉଷାବତୀ ମହାରଣା (ଅନ୍ୟାନ୍ୟ ପଛୁଆବର୍ଗ-ମହିଳା), ୧୨ ନଂ.ଜୋନରେ ଶ୍ରୀଦେବୀ ବକ୍ସି ଓ ସାରଳା ବକ୍ସି(ମହିଳା), ୧୩ ନଂ.ଜୋନରେ ଏଲ. ଜୟଲକ୍ଷ୍ମୀ ଓ ପି. ଆପୁଲୁଆମ୍ମା(ଅନ୍ୟାନ୍ୟ ପଛୁଆବର୍ଗ-ମହିଳା), ୧୪ ନଂ.ଜୋନରେ ଅଶୋକ କୁମାର ବରାଡ ଓ ଏମ ରବିରାଜୁ(ଅନ୍ୟାନ୍ୟ ପଛୁଆବର୍ଗ) ଏବଂ ୧୫ ନଂ.ଜୋନରେ ଆଦର୍ଶ କୁମାର ଦାସ (ଅନ୍ୟାନ୍ୟ ପଛୁଆବର୍ଗ) ନିମନ୍ତେ ସଂରକ୍ଷିତ ରହିଥିବା ନିର୍ଦ୍ଦେଶକ ପଦବୀ ସକାଶେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀ ମାନଙ୍କ ପାଇଁ ଜୁନ ୧୩ରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ସମୟ ଧାର୍ଯ୍ୟ କରାଯାଇଛି ଓ ୧୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଆସନ୍ତା ୨୬ତାରିଖରେ ନିର୍ବାଚନ ହେବ।

